# Akashvani, Sambalpur

# SAMBALPURI NEWS BULLETIN

## 16 December 2025 – 6.47- 6.52 am.

*******************************************************

ଓଡ଼ିଶା ଫାର୍ମା ସମ୍ମିଳନୀ          I&PR

ରାଜ୍ୟ ଶିଳ୍ପ ବିଭାଗ୍ ତର୍ଫୁ ଭୁବ୍‌ନେଶ୍ୱର୍ ନ ଆଏଜ୍ ଓଡ଼ିଶା ଫାର୍ମା ସମ୍ମିଳନୀର୍ ଆୟୋଜନ୍ କରାଯାଉଛେ । ସମ୍ମିଳନୀଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଫାର୍ମା ଆଉ ମେଡ଼ିକାଲ୍ ଡିଭାଇସ୍ ଶିଳ୍ପନୀତିର୍ ଉନ୍ମୋଚନ୍ କର୍‌ବାର୍ ସହେତେ ଫାର୍ମାସ୍ୟୁଟିକାଲ୍ ପାର୍ମ ଆଉ ମେଡ଼ିକାଲ୍ ଡିଭାଇସ୍ ପାର୍କର ଶୁଭାରମ୍ଭ କର୍‌ବେ । କାର୍ଯ୍ୟକ୍ରମ୍‌ଥି ୨ ଶହ ନୁ ଅଏତ୍‌କା ଶିଳ୍ପପତି ଯୋଗ୍ ଦେବାର୍ ସହେତେ ବହୁତ୍‌ଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେବା । ସମ୍ମିଳନୀଥି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଉ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଭିଲ୍ ଉପସ୍ଥିତ୍ ରହେବେ ।

ବିକଶିତ ଭାରତ-ଜି ରାମ୍ ଜି ଆଇନ          ପି.ଆଇ.ବି.

ଗାଁ ଇଲାକାର୍ ଲୁକ୍‌କୁ ଶହେ ଦିନର୍ ନିଶ୍ଚିତ କାମ୍ ଯୁଗେଇ ଦଉଥିବା ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନ୍- ମନ୍‌ରେଗା ର୍ ନାଁ

ଖୋବ୍ ଜଲ୍ଦି ବଦ୍ଲା ଯିବା । ତାର୍ ଜାଗା ନ ବିକଶିତ ଭାରତ-ଜି ରାମ୍ ଜି ଆଇନ୍-୨୦୨୫ ରଖାଯିବା ବଲି ସୂଚ୍ନା ମିଲିଛେ ।। କେନ୍ଦ୍ର ସର୍କାର୍ ସଂସଦ୍ର ଇ ଶୀତ୍ ଅଧିବେଶନ୍ଥି ଇ ବିଲ୍ ଉପସ୍ଥାପନ୍ କର୍ବେ । ନୂଆଁ ଆଇନ୍ ଜରିଏ ଗାଁ ଇଲାକାର୍ ଲୁକ୍କୁ ବଛର୍କ ଶହେ ୨୫ ଦିନର୍ କାମ୍ ଯୁଗେଇ ଦିଆଯିବା । ଇଥି ରାଜ୍ୟ ସର୍କାର୍ଙ୍କର୍ ୧୦ ନୁ ୪୦ ପ୍ରତିଶତ୍ତକ୍ ଭାଗ୍ ରହେବା ।

ଶିଶୁ  କର୍କଟ ରୋଗୀ-ଚିକିତ୍ସା       I&PR

ଶିଶୁ  କର୍କଟ ରୋଗୀଙ୍କର୍ ଚିକିତ୍ସା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ ବିଭାଗ୍ ଆଉ କେନ୍କିଟ୍ସ କିଟ୍ସକେନ୍ ଭିତ୍ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ବୁଝାମଣାପତ୍ରଥି ଶିଶୁ କର୍କଟ ରୋଗୀମାନ୍କର୍ ଯତନ୍ଥି ସହଯୋଗ୍ କର୍ବାର୍ ଲାଗି ଯୋଜ୍ନା ତିଆର୍ କରାଯାଇଛେ । ଇଥି ରୋଗୀମାନ୍କର୍ ବେମାର୍ ଚିହ୍ନଟ୍, ଚିକିତ୍ସା ସୁବିଧା, ଶିଶୁ ଆଉ ପରିବାର୍ ଲାଗି ଆର୍ଥିକ୍ ସୁରକ୍ଷା, ଯତନ୍, ସଚେତନତା ଆଉ ରୋଗୀ କୈନ୍ଦ୍ରିକ ଗବେଷଣା ସାମିଲ୍ ରହିଛେ ।

କୃଷି ବିଦ୍ୟାନିଧି ଯୋଜ୍ନା     I&PR

ଇ ଶିକ୍ଷା ବଛ୍‌ରେ କୃଷି ବିଦ୍ୟାନିଧି ଯୋଜ୍‌ନାର୍ ଅନ୍‌ଲାଇନ୍ ଆବେଦନ୍ ସମିଆକେ ରାଜ୍ୟ ସର୍‌କାର୍ ଡିସେମ୍ବର୍ ୨୦ ତାରିଖ୍‌ତକ୍ ବଢ଼େଇଛନ୍ । ଆଘୋନୁ ଇ ସମିଆ ନଭେମ୍ବର୍ ୩୦ ତାରିଖ୍ ରଖାଯାଇଥିଲା । ବହୁତ୍‌ଟେ ଛାତ୍ରଛାତ୍ରୀ ଆବେଦନ୍ ସମିଆକେ ଆହୁରି ବଢ଼ାବାର୍ ଲାଗି ଅନୁରୋଧ୍ କର୍‌ବାର୍‌ନୁ ସର୍‌କାର୍ ଇ ସମିଆ ଫେର୍ ବଢ଼େଇଛନ୍ ।

ଧନୁସଂକ୍ରାନ୍ତି- ପୁରୀ        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ପବିତ୍ର ଧନୁସଂକ୍ରାନ୍ତି ଅବ୍‌ସରେ ମାହାପୁରୁମାନ୍‌କର୍ ପହିଲି ଭୋଗ ନୀତି ମୁଲ୍ ହେବା । ପରମ୍ପରା ଅନ୍‌ସାରେ ମା ଲକ୍ଷ୍ମୀ ମାସେ ଲାଗି ମା’ ଘର୍‌କେ ଯାଇଥିବାର୍‌ନୁ ଇ ସମିଆଥି ମା’ ଯଶୋଦା ମାହାପୁରୁମାନ୍‌କର୍ ଲାଗି ସୁସ୍ୱାଦୁ ଖାଏବାର୍ ଦରବ୍ ତିଆର୍ କର୍‌ସନ୍ । ପହିଲି ଭୋଗ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍‌ର ନୀତି ନିର୍ଘଂଟ ଅନ୍‌ସାରେ ରାତିର୍ ୨ ବଜେ ଦ୍ୱାରଫିଂଟା ନୀତି ଉତ୍‌ରୁ ମଙ୍ଗଳଆଲ୍‌ତୀ, ମଇଲମ, ଅବକାଶ ନୀତି ଉତ୍‌ରୁ ପହିଲି ଭୋଗ ନୀତି ମୁଲ୍ ହେଇଛେ ।

ଓଡ଼ିଶା ରାଜ୍ୟ ପୁସ୍ତକ୍ ମହୋତ୍ସବ        I&PR

ଭୁବ୍‌ନେଶ୍ୱର୍ ୟୁନିଟ୍ -୩ ପ୍ରଦର୍ଶନୀ ପଡ଼ିଆ ନ ଚାଲିଥିବା ୭ ନମ୍ବର୍ ଓଡ଼ିଶା ରାଜ୍ୟ ପୁସ୍ତକ ମହୋସ୍ୱବ୍‌ଥି ଫି' ଦିନ ପୁସ୍ତକ ପ୍ରେମୀ ମାନ୍‌କର୍ ଭିଡ଼୍ ଜମୁଛେ । ଗଲା ୧୦ ଦିନ୍ ଭିତ୍‌ରେ ମହୋସ୍ୱବ୍ ଥି ୫ କୋଟିନୁ ଅଏତ୍‌କା ଟଙ୍କାର୍ ବେପାର୍ ହେଇଥିବାର୍ ଜନାପଡ଼ିଛେ । ଏତ୍‌କି ଟଙ୍କାର୍ କାର୍‌ବାର୍ ପାଠକମାନ୍‌କର୍ ବହି ଉପ୍‌ରେ ରହିଥିବା ଭଲ୍‌ପାଏବାର୍ ଆଉ ଲେଖକ ଆଉ ପ୍ରକାଶକମାନ୍‌କର୍ ବର୍‌କସ୍ ଭବିଷ୍ୟତ୍‌କେ ଦର୍ଶଉଛେ । ଗଲାକାଏଲ୍ ମହୋସ୍ୱବ୍‌କେ ଓଡ଼ିଶା ବିଧାନ୍‌ସଭା ପାଠାଗାର ସବ୍‌କିମିଟି ସଦସ୍ୟମାନେ ବୁଲି ଯାଇଥିଲେ ।

ୱେବ୍‌ସାଇଟ୍ ଉନ୍ମୋଚନ୍ I&PR

ଓଡ଼ିଶା ପୁଲିସ୍‌ର ଲୋକସେବା ଆଉ ପାରଦର୍ଶିତାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟ ପୁଲିସ୍ ବାହିନୀ ତର୍‌ଫୁ ଗୁଟେ ନୂଆଁ ୱେବ୍‌ସାଇଟ୍ ଲୋକାର୍ପଣ୍ କରାଯାଇଛେ । ଭୁବ୍‌ନେଶ୍ୱର୍ ଠାନେ ଥିବା ରାଜ୍ୟ ପୁଲିସ୍ ମୁଖ୍ୟାଳୟ ନ ହେଇଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ୍ ବାହାଦୂର୍ ଖୁରାନିଆ ଇ ୱେବ୍‌ସାଇଟ୍‌କେ ଉନ୍ମୋଚନ୍ କରିଛନ୍ ।

ବିଜୟ ଦିବସ୍ ପି.ଆଇ.ବି.

ଭାରତ୍-ପାକିସ୍ତାନ୍ ଭିତ୍‌ରେ ୧୯୭୧ ମସିହାଥି ହେଇଥିବା ଯୁଦ୍ଧଥି ଆଝିରର୍ ଦିନେ  ଭାରତ୍ ଜିତିଥିଲା । ହେ ବଛର୍ ଡିସେମ୍ବର୍ ୩ ତାରିଖ୍‌ନୁ ମୁଲ୍ ହେଇଥିବା ଯୁଦ୍ଧ ୧୩ ଦିନ୍ ଚାଲିଥିଲା । ଇ ଦିନ୍‌କେ ସୋର୍ ପକେଇକରି ଆଏଜ୍ ସାରା ଦେଶେ ବିଜୟ ଦିବସ୍ ପାଲନ୍ କରାଯାଉଛେ ।

ବିଦ୍ୟାଲୟ-ଛୁଟି            ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ୨୦୨୬ ବଛର୍ ଲାଗି ଛୁଟି ତାଲିକା ବାହାର୍ କରାଯାଇଛେ । ଆଏବା ବଛର୍ ରଏବାର୍ ଛଡ଼ା ୪୨ ଟା ଛୁଟି ରହେବା । ସେଥିର୍‌ଭିତ୍‌ରେ କିଛି ଖାସ୍ ଦିବସ୍ ବିଦ୍ୟାଳୟମାନ୍‌କୁ ପାଲନ୍ କରାଯିବା ।

ମଧ୍ୟସ୍ଥତା ତାଲିମ୍           ନୂଆପଡ଼ା ସମ୍ବାଦଦାତା

ବିକଳ୍ପ ବିବାଦ୍ ସମାଧାନ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଆଉ ମଧ୍ୟସ୍ଥତା ଜରିଏ ବିବାଦ୍‌ର ଶାନ୍ତିପୂର୍ଣ୍ଣ ସମାଧାନ୍‌କେ ତହଁକାବାର୍ ଲକ୍ଷ୍ୟଥି ନୂଆପଡ଼ା ନ ଗଲାକାଏଲ୍ ମଧ୍ୟସ୍ଥତା ତାଲିମ୍ କାର୍ଯ୍ୟକ୍ରମ୍ ଉଦ୍‌ଘାଟିତ୍

ହେଇଯାଇଛେ । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଚାଲିଥିବା କାର୍ଯ୍ୟକ୍ରମ୍ ଆଏବା ୧୯ ତାରିଖ୍‌ତକ୍ ଚାଲ୍‌ବା ।

କ୍ଷେତ୍ରୀୟ ଡାକ ଅଦାଲତ        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ନ କ୍ଷେତ୍ରୀୟ ଡାକ ଅଦାଲତ୍ ଆଏବା ୨୪ ତାରିଖ୍ ଦିନ ହେବା । ଇଥି ଭାଗ୍ ନେବାର୍‌କେ ଲୁକେ ସେମାନ୍‌କର୍ ଅଭିଯୋଗ୍ ପହେଲା ଡିଭିଜନ୍ ସ୍ତରର୍ ଡାକ ଅଦାଲତ୍ ମାନ୍‌କେ ଦାଖଲ୍ କର୍‌ବେ । ସେନ ସମାଧାନ୍ ନାଇଁ ହେଲେ କ୍ଷେତ୍ରୀୟ ଡାକ ଅଦାଲତ୍ ନ ଶୁଣାଣି କରାଯିବା ।

ଚିତ୍ରାଙ୍କନ ପ୍ରତିଯୋଗିତା        କଳାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଯୋଜ୍‌ନା ଆଉ ପର୍ଯ୍ୟବେକ୍ଷଣ ଶାଖା ତର୍‌ଫୁ ନିରନ୍ତର ବିକାଶ୍ ଲକ୍ଷ୍ୟର୍ ପ୍ରଚାର୍ ପ୍ରସାର୍ ଲାଗି ଗୁଟେ ଚିତ୍ରାଙ୍କନ ପ୍ରତିଯୋଗିତା ହେଇଯାଇଛେ । ଇଥି ଭିନ୍ ଭିନ୍ ବର୍ଗଥି ୪୬ ଟା ବିଦ୍ୟାଳୟର୍ ଶହେ ୭୫ ନୁ ଅଏତ୍‌କା ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ଦିଗୁ ରାଜ୍ୟକେ ଶୁଖା ଥଣ୍ଡା ପବନ୍ ଆସୁଥିବାର୍‌ନୁ ଜବର୍ ଶୀତ୍ ହେଉଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୫ /୬ ଦିନ୍‌ତକ୍ ପାଗ୍‌ଥି ବିଶେଷ୍ ପରିବର୍ତନ୍ ନାଇଁ ହୁଏ । ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, କନ୍ଧମାଲ୍ ଆର୍ କୋରାପୁଟ୍‌ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧମ୍ ଧରଣ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।